# NATIONAL NEWS BULLETIN (ODIA)

**30 October - 2025**

**Morning Bulletin : 7.15 a.m.**

*********************************

## ମୁଖ୍ୟ ସମ୍ବାଦ

- ଦୁଇଦିନିଆ ଗୁଜରାଟ ଗସ୍ତରେ ଯାଇ ଆଜି ଅନେକ ଗୁଡ଼ିଏ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ
- ନୂଆଦିଲ୍ଲୀରେ ଆଜି ଶୁଭାରମ୍ଭ ହେବ ଆଦର୍ଶ ଯୁବ ଗ୍ରାମସଭା ପଦକ୍ଷେପ
- ଦେଶର ସାମୁଦ୍ରିକ କ୍ଷେତ୍ରକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆରମ୍ଭ ହେଲା ୨ ଦଶମିକ ୨ ଲକ୍ଷ କୋଟି ଟଙ୍କାର ଯୋଜନା
- ବିହାର ବିଧାନସଭା ନିର୍ବାଚନ ନିମନ୍ତେ ପ୍ରଚାର କାର୍ଯ୍ୟ ଜୋରଦାର

ଏବଂ

- ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟ୍‌ର ଆଜି ଦ୍ୱିତୀୟ ସେମିଫାଇନାଲ୍‌ରେ ଭାରତ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ହେବ ମ୍ୟାଚ୍

## ପିଏମ୍-ଭିଜିଟ୍ ଗୁଜରାଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଦୁଇଦିନିଆ ଗୁଜରାଟ ଗସ୍ତରେ ଯିବେ । କେବାଡ଼ିଆର ଏକତାନଗରଠାରେ ସେ ୧ ହଜାର ୧୪୦ କୋଟିରୁ ଅଧିକ ଟଙ୍କାର ଭିତ୍ତିଭୂମି ତଥା ବିକାଶମୂଳକ ପ୍ରକଳ୍ପ ଗୁଡ଼ିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଉଦ୍‌ଘାଟନ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ରାଜପିପିଲାଠାରେ ବିର୍ଶାମୁଣ୍ଡା ଆଦିବାସୀ ବିଶ୍ୱବିଦ୍ୟାଳୟ, ବାମନ ବୃକ୍ଷ ବାଟିକା, ଇ-ବସ୍ ଚାର୍ଜିଙ୍ଗ୍ ଡିପୋ ଏବଂ ୨୫ଟି ଇଲେକ୍‌ଟ୍ରିକ୍ ବସ୍ ରହିଛି । ଶ୍ରୀ

ମୋଦୀ ରୟାଲ୍ କିଙ୍ଗଡମ୍ ଅଫ୍ ଇଣ୍ଡିଆ ମ୍ୟୁଜିୟମ୍, କ୍ରୀଡ଼ା କଂପ୍ଲେକ୍ସ, ଜେଟି ବିକାଶ ଏବଂ ଷ୍ଟାଚ୍ୟୁ ଅଫ୍ ୟୁନିଟ୍ ନିକଟରେ ଟ୍ରାଭଲେଟର ଆଦିର ଶିଳାନ୍ୟାସ କରିବେ ।

ଆସନ୍ତାକାଲି ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାସୁମନ ଅର୍ପଣ କରିବେ । ଏକତା ଦିବସ ଶପଥପାଠ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ଯୋଗଦେବା ସହ ଏକତା ଦିବସ ପରେଡ୍‌ରେ ଭାଗ ନେବେ । ଚଳିତବର୍ଷ ସୀମାସୁରକ୍ଷା ବଳ ମାର୍ଚ୍ଚିଙ୍ଗ କଣ୍ଟିଜେଣ୍ଟ୍‌ରେ ଭାରତୀୟ ମୂଳ ରାମପୁର ହାଉଣ୍ଡ୍‌ସ ଏବଂ ମୁଧୋଲ ହାଉଣ୍ଡ୍‌ସ କୁକୁର ସାମିଲ ହେବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆରମ୍ଭ ୭.୦ର ଶୁଭାରମ୍ଭ କରି ଶହେତମ ଫାଉଣ୍ଡେସନ କୋର୍ସର ପ୍ରଶିକ୍ଷାର୍ଥୀଙ୍କ ସହ ବାର୍ତ୍ତାଳାପ କରିବେ ।

## ଏମ୍‌ଓ୍ୱାଇଜିଏସ୍ ଲଞ୍ଚ୍

କେନ୍ଦ୍ର ସରକାର ଆଜି ନୂଆଦିଲ୍ଲୀଠାରେ ଆଦର୍ଶ ଯୁବ ଗ୍ରାମସଭା ପଦକ୍ଷେପ- **MYGS** ର ଶୁଭାରମ୍ଭ କରିବେ । ଏହି କାର୍ଯ୍ୟକ୍ରମରେ ଆଦର୍ଶ ଯୁବ ଗ୍ରାମସଭା ପ୍ରଶିକ୍ଷଣ ମଡ୍ୟୁଲ୍ ଏବଂ **MYGS** ପୋର୍ଟାଲ୍‌ର ଶୁଭାରମ୍ଭ କରାଯିବ । କେନ୍ଦ୍ର ପଞ୍ଚାୟତିରାଜ, ଶିକ୍ଷା ଏବଂ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମିଳିତ ଭାବେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ କେନ୍ଦ୍ର ଜନଜାତି ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାଶ ଓ୍ୱିକେ ଏବଂ ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ସତ୍ୟପାଲ ସିଂହ ବାଘେଲ ଯୋଗଦେବେ । ଏ ସମ୍ପର୍କରେ ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ଜନଭାଗିଦାରୀକୁ ଅଧିକ ସଶକ୍ତ

କରିବା ସହିତ ଗ୍ରାମସଭା ଅଧିବେଶନଗୁଡ଼ିକରେ ଶିକ୍ଷାର୍ଥୀମାନଙ୍କ ଅଂଶଗ୍ରହଣ ଉପରେ ପ୍ରାଧାନ୍ୟ ଦିଆଯାଇ ସ୍ଥାନୀୟ ଶାସନ ବ୍ୟବସ୍ଥାରେ ଯୁବବର୍ଗର ସମ୍ପୃକ୍ତି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ଏହି ପଦକ୍ଷେପ ଦେଶର ୧ ହଜାରରୁ ଉର୍ଦ୍ଧ୍ୱ ବିଦ୍ୟାଳୟ ଲାଗି କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରଣାଳୟ କହିଛି ।

# ପିଏମ୍-ମାରିଟାଇମ୍ ୱିକ୍

ଭାରତର ସାମୁଦ୍ରିକ କ୍ଷେତ୍ରକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨ଦଶମିକ ୨ ଲକ୍ଷ କୋଟି ଟଙ୍କାର ଯୋଜନାର ଶୁଭାରମ୍ଭ କରିଛନ୍ତି । ଗତକାଲି ମୁମ୍ବାଇରେ ଅନୁଷ୍ଠିତ ସାମୁଦ୍ରିକ ନେତୃତ୍ୱ ସମ୍ମିଳନୀକୁ ଉଦ୍‌ବୋଧନ ଦେବା ଅବସରରେ ଶ୍ରୀ ମୋଦୀ କହିଛନ୍ତି, ଭାରତ ଜାହାଜ ନିର୍ମାଣ କ୍ଷେତ୍ରରେ ନୂତନ ଶିଖରରେ ପହଞ୍ଚିବା ଲାଗି ଉଦ୍ୟମ ଜାରି ରଖିଛି । ସେ କହିଛନ୍ତି ଚଳିତବର୍ଷ ଭାରତର ବନ୍ଦର ଗୁଡ଼ିକ ସର୍ବାଧିକ ମାଲ୍ ପରିବହନ କରି ରେକର୍ଡ ସୃଷ୍ଟି କରିଛନ୍ତି । ଅନେକଗୁଡ଼ିଏ କ୍ଷେତ୍ରରେ ବିକାଶଶୀଳ ଦେଶ ତୁଳନାରେ ଭାରତ ଉନ୍ନତ ପ୍ରଦର୍ଶନ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM Efficient Port)**

ଆୟୋଜିତ ସମ୍ମିଳନୀରେ ଅନେକଗୁଡ଼ିଏ ପ୍ରକଳ୍ପର ଶୁଭାରମ୍ଭ କରାଯାଇଥିବା ବିଷୟ ସୂଚୀତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଲକ୍ଷଲକ୍ଷ କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ୮୫ଟି ଦେଶର ପ୍ରତିନିଧିମାନେ ଏହି ସମ୍ମିଳନୀରେ ଯୋଗଦେବା ଗୋଟିଏ ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ସାମୁଦ୍ରିକ କ୍ଷେତ୍ରର ଗତି ଦେଶର ଅର୍ଥନୈତିକ ବିକାଶକୁ ନୂଆ ଦିଗ ପ୍ରଦାନ କରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତୀୟ ଜାହାଜ କ୍ଷେତ୍ର ନୂଆ ଶକ୍ତି ଏବଂ ଗତି ସହିତ ଅଗ୍ରସର ହେଉଛି । ମାନବ ସମ୍ବଳର ଯୋଗଦାନ ସଂପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ଭାରତର ସାମୁଦ୍ରିକ କ୍ଷେତ୍ରରେ ଯୋଗଦାନ ୧ଲକ୍ଷ ୨୫ ହଜାରରୁ ୩ ଲକ୍ଷକୁ ବୃଦ୍ଧି ପାଇଛି । ଏବେ ଭାରତ ସାମୁଦ୍ରିକ କ୍ଷେତ୍ରରେ ଲୋକଙ୍କ ଯୋଗଦାନ ଯୋଗୁଁ ବିଶ୍ୱର ତୃତୀୟ ରାଷ୍ଟ୍ର ହୋଇପାରିଛି ।

**V/O (PM Green Energy)**

ସେ କହିଛନ୍ତି, ବିଶ୍ୱରେ ଉତ୍ତେଜନାମୂଳକ ପରିସ୍ଥିତି ବାଣିଜ୍ୟ କାରବାରରେ ଅସୁବିଧା ସତ୍ତ୍ୱେ ଭାରତ ସମାବେଶୀ ଅଭିବୃଦ୍ଧି ଏବଂ ରଣନୈତିକ ସ୍ୱାୟତତ୍ତା ଓ ଶାନ୍ତିର ପ୍ରତୀକ ଭାବେ ଉଭା ହୋଇଛି ।

# ବିହାର-କ୍ୟାମ୍ପେନିଂ

ବିହାର ବିଧାନସଭା ନିର୍ବାଚନ ନିମନ୍ତେ ସମସ୍ତ ରାଜନୈତିକ ଦଳଗୁଡ଼ିକ ପ୍ରଚାର କାର୍ଯ୍ୟ ଜୋରଦାର କରିଛନ୍ତି । ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏବଂ ମହାମେଣ୍ଟର ତାରକା ପ୍ରଚାରକମାନେ ବିଭିନ୍ନ ସ୍ଥାନରେ ସଭାସମିତି ଜରିଆରେ ଭୋଟରମାନଙ୍କୁ ସେମାନଙ୍କ ପ୍ରାର୍ଥୀଙ୍କ ଆଡ଼କୁ ଆକର୍ଷିତ କରିବା ଲାଗି ଉଦ୍ୟମ ଚଳାଇଛନ୍ତି ।

ଆଜି ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଜାଫରପୁର ଏବଂ ଛାପ୍ରାରେ ନିର୍ବାଚନ ର୍ୟାଲି କରିବେ । ପୂର୍ବାହ୍ନ ୧୧ଟାରେ ମୁଜାଫରପୁରରେ ଏବଂ ଛାପ୍ରାରେ ଅପରାହ୍ନ ୧୨ଟା ୪୫ ମିନିଟ୍‌ରେ

ପ୍ରଧାନମନ୍ତ୍ରୀ ର୍ୟାଲି କରିବେ । ଏହା ପ୍ରଧାନମନ୍ତ୍ରୀଙ୍କର ବିହାରକୁ ଦ୍ୱିତୀୟ ନିର୍ବାଚନୀ ଗସ୍ତ ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମଧ୍ୟ ଆଜି ପାଟନାଠାରେ ପୂର୍ବାହ୍ନ ୧୦ଟାରେ ଏକ ସାମ୍ବାଦିକ ସମ୍ମିଳନୀକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ସେ ଗତକାଲି ବିହାରର ବିଭିନ୍ନ ସ୍ଥାନରେ ନିର୍ବାଚନ ପ୍ରଚାର କରିବା ସହ ର୍ୟାଲି ଆୟୋଜନ କରିଥିଲେ । ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ମଧ୍ୟ ଆଜି ପାଟନାସ୍ଥିତ ବିକ୍ରମ ଏବଂ ବକ୍ସରରେ ଜନସଭାକୁ ସମ୍ବୋଧନ କରିବେ ।

ଅନ୍ୟପକ୍ଷରେ ରାଷ୍ଟ୍ରୀୟ ଜନତା ଦଳର ପ୍ରାର୍ଥୀ ତେଜସ୍ୱୀ ଯାଦବ ଆଜି ମାଧେପୁରା, ଦରଭଙ୍ଗା ଏବଂ ମୁଜାଫରପୁର ସମେତ ଦଶଟି ନିର୍ବାଚନୀ ର୍ୟାଲିରେ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି । ଜନସୁରାଜ ପାର୍ଟି, ଜନଶକ୍ତି ଜନତା ଦଳ ଏବଂ ବହୁଜନ ସମାଜବାଦୀ ପାର୍ଟିର ନେତାମାନେ ମଧ୍ୟ ଆଜି ବିଭିନ୍ନ ସ୍ଥାନରେ ପ୍ରଚାର କାର୍ଯ୍ୟ କରିବେ ।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଖେଇ ଆସୁଥିବା ବେଳେ ରାଜନୈତିକ ଦଳଗୁଡ଼ିକ ଆରୋପ ପ୍ରତ୍ୟାରୋପ ଜାରି ରଖିଛନ୍ତି । ଆସନ୍ତାମାସ ୬ ତାରିଖରେ ପ୍ରଥମ ପର୍ଯ୍ୟାୟରେ ବିହାରର ୧୨୧ଟି ବିଧାନସଭା ଆସନ ଲାଗି ମତଦାନ ହେବ ।

# ଭିପି -ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଗତକାଲି ତାମିଲନାଡୁର ମଦୁରାଇସ୍ଥିତ ପ୍ରସିଦ୍ଧ ମିନାକ୍ଷୀ ଅମନ୍ ମନ୍ଦିର ପରିଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି । ଗସ୍ତ ଅବସରରେ ଉପରାଷ୍ଟ୍ରପତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ ଷ୍ଟାଲିନ୍

ଏବଂ ସାଂସଦ କାନିମୋଝୀଙ୍କ ସହ ସାକ୍ଷାତ କରିଥିଲେ । ଆଜି ଉପରାଷ୍ଟ୍ରପତି ସ୍ୱତନ୍ତ୍ରତା ସେନାନୀ ପୋଷୁମପନ୍ ମୁଥୁରାମଲିଙ୍ଗର ଜୟନ୍ତୀ ଅବସରରେ ରାମନାଥପୁରମ୍ ଜିଲ୍ଲାର ପୋଷୁମପନ୍ ପରିଦର୍ଶନରେ ଯିବେ ।

## ହରିବଂଶ-ଇୟୁ ଡେଲିଗେସନ

ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ କହିଛନ୍ତି, ଭାରତ ଏବଂ ୟୁରୋପୀୟ ସଂଘ ଉଭୟ ସର୍ବବୃହତ ଗଣତନ୍ତ୍ର ମୁକ୍ତ ଅର୍ଥନୀତି ସମ୍ବଳିତ ବାଣିଜ୍ୟ ଏବଂ ବହୁବିଧ ସମାଜ କ୍ଷେତ୍ରରେ ସମାନ ମତ ପୋଷଣ କରନ୍ତି । ଆଗାମୀ ଦିନରେ ଭାରତ-ୟୁରୋପ ସଂପର୍କ ଆହୁରି ବୃଦ୍ଧି ପାଇବ ବୋଲି ସେ କହିଛନ୍ତି ।

ନୂଆଦିଲ୍ଲୀରେ ଗତକାଲି ଆନ୍ତର୍ଜାତିକ ବାଣିଜ୍ୟ ବ୍ୟାପାର ସଂପର୍କିତ ୟୁରୋପୀୟ ସଂସଦୀୟ କମିଟିର ପ୍ରତିନିଧି ଦଳଙ୍କ ସହ ଆଲୋଚନା ସମୟରେ ହରିବଂଶ କହିଛନ୍ତି, ଖୁବ୍‌ଶୀଘ୍ର ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ହେବ । ଚଳିତବର୍ଷ ପହଲଗାମ ଆତଙ୍କୀ ଆକ୍ରମଣ ପରେ ସର୍ବଦଳୀୟ ସଂସଦୀୟ କମିଟିର ବ୍ରସେଲ୍‌ସ ଗସ୍ତକୁ ସ୍ମରଣ କରି ବର୍ତ୍ତମାନର ସଂସଦୀୟ ଆଦାନପ୍ରଦାନକୁ ସେ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଏହିଭଳି ସଂସଦୀୟ ଆଦାନ ପ୍ରଦାନ ଭାରତ-ୟୁରୋପୀୟ ସଂଘ ସହଭାଗିତାକୁ ଆହୁରି ସୁଦୃଢ଼ କରିବ ।

## ଜିଏସଟି ରିଫର୍ମ

ଜିଏସଟି ସଂଚୟ ଉତ୍ସବ ଆରମ୍ଭ ହେବା ପରେ ଦେଶର ନାଗରିକମାନେ ଏହାର ଲାଭ ପାଉଛନ୍ତି । ଗତ ମାସ ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜିଏସଟି ସଂଚୟ ଉତ୍ସବର ଆରମ୍ଭ କରିଥିଲେ ।

ବିଭିନ୍ନ କ୍ଷେତ୍ରରେ ପରବର୍ତ୍ତୀ ପିଢ଼ିର ଜିଏସଟି ସଂସ୍କାର ଲାଗୁ ହେବା ପରେ ନିତ୍ୟବ୍ୟବହାର୍ଯ୍ୟ ଜିନିଷଠାରୁ ଆରମ୍ଭ କରି ପ୍ରତ୍ୟେକଟି କ୍ଷେତ୍ରରେ ଜିଏସଟି ଟିକସ ହାର ହ୍ରାସ ପାଇଛି । ଫଳରେ ଉପଭୋକ୍ତାଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ ପର୍ଯ୍ୟନ୍ତ ସବୁବର୍ଗର ଲୋକମାନେ ଏଥିରୁ ଲାଭାନ୍ୱିତ ହେଉଛନ୍ତି ।

ପୋଷାକ ଏବଂ ଜୋତା ବ୍ୟବସାୟ କ୍ଷେତ୍ରରେ ଜିଏସଟି ସଂସ୍କାର ଉପଭୋକ୍ତା ଓ ବ୍ୟବସାୟୀମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛି । ଭାରତୀୟ ଯୁବନିର୍ମାତାମାନଙ୍କୁ ବ୍ୟବସାୟର ସହଜତା ଉପଲବ୍ଧ କରାଇବା, ଉତ୍ପାଦଗୁଡ଼ିକ ଶସ୍ତା କରିବା ଏବଂ ରେଡିମେଡ୍ ପୋଷାକର ମାନ ଉନ୍ନତ କରିବା ଦିଗରେ ଜିଏସଟି ସଂସ୍କାର ସହାୟକ ସାବ୍ୟସ୍ତ ହୋଇଛି । ନୂଆ ଜିଏସଟି ପ୍ରଣାଳୀରେ ଅଢ଼େଇ ହଜାର ଟଙ୍କା ପର୍ଯ୍ୟନ୍ତ ରେଡିମେଡ୍ ପୋଷାକ କ୍ଷେତ୍ରରେ ଟିକସ ୫ ପ୍ରତିଶତକୁ ହ୍ରାସ କରାଯାଇଛି ।

ଯାହାଫଳରେ ଛୋଟ ସହର ଏବଂ ଗ୍ରାମାଞ୍ଚଳ କ୍ଷେତ୍ରରେ ରେଡିମେଡ୍ ପୋଷାକର ଚାହିଦା ବୃଦ୍ଧି ପାଇଛି । ସେହିପରି ହାତତିଆରି ସୂତା ଉପରେ ଟିକସ ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ ପାଇଛି, ଯାହା ଆମଦାନୀ ଉପରେ ଦେଶର  ନିର୍ଭରଶୀଳତା ହ୍ରାସ କରିଛି ।

ସେହିପରି ଅଢ଼େଇ ହଜାର ଟଙ୍କା ପର୍ଯ୍ୟନ୍ତ ଜୋତା ମୂଲ୍ୟରେ ୧୨ ପ୍ରତିଶତ ବଦଳରେ ୫ ପ୍ରତିଶତ ଜିଏସଟି ଲାଗୁ କରାଯାଇଛି ।

## କ୍ରିକେଟ୍

ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ କ୍ରିକେଟ୍‌ର ଆଜି ଦ୍ୱିତୀୟ ସେମିଫାଇନାଲ୍‌ରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ

ହେବ। ନଭୀମୁମ୍ବାଇସ୍ଥିତ ଡକ୍ଟର ଡି.ଓ୍ୱାଇ ପାଟିଲ୍ ସ୍ପୋର୍ଟସ୍ ଏକାଡେମୀରେ ଭାରତୀୟ ସମୟ ଅପରାହ୍ନ ୩ଟାରେ ଏହି ମ୍ୟାଚ୍ ଖେଳାଯିବ । ଅପରାହ୍ନ ୨ଟା ୩୦ ମିନିଟ୍‌ରୁ ଆକାଶବାଣୀରେ ଏହି ମ୍ୟାଚ୍‌ର ପ୍ରତ୍ୟକ୍ଷଦର୍ଶୀ ଧାରାବିବରଣୀ ପ୍ରସାରଣ କରାଯିବ। ପୂର୍ବରୁ ଦକ୍ଷିଣ ଆଫ୍ରିକା ଫାଇନାଲ୍‌କୁ ଉନ୍ନୀତ ହୋଇସାରିଛି ।

ଗତକାଲି ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକା ୧୨୫ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୫୦ ଓଭର୍‌ରେ ୭ ଓ୍ୱିକେଟ୍ ହରାଇ ୩୧୯ ରନ୍ କରିଥିବା ବେଳେ ଇଂଲଣ୍ଡ ୪୨ ଓଭର୍ ୩ଟି ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୧୯୪ ରନ୍ କରିବାକୁ ସକ୍ଷମ ହୋଇଥିଲା ।